## ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୧୯।୮(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ଗୁରୁବାର ରାତିରେ ସିନ୍ଦୂରଖୋଲ ଗ୍ରାମରେ ଚଢ଼ାଉ କରି ଫେରାର ଥିବା ଅଭିଯୁକ୍ତ ଯୁଧିଷ୍ଠିର ରାଉତଙ୍କୁ ଗିରଫ କରିଛି। ତାଙ୍କ ନାମରେ ୨ଟି ମାମଲା ଥାନାରେ ଥିବାବେଳେ ସେ ଦୀର୍ଘଦିନ ହେବ ଫେରାର ଥିଲେ। ଗୁରୁବାର ଘରେ ଥିବା ଖବରପାଇ ଆଇଆଇସି ପୀତାମ୍ବର ମଲ୍ଲିକ ଚଢ଼ାଉ କରି ଗିରଫ କରିଥିଲେ।



ପ୍ରବଳ ବର୍ଷା ଯୋଗୁ ଅନୁଗୋଳ ସହରସ୍ଥିତ ବ୍ରାହ୍ମଣୀଦେଇପଡ଼ା ଜଳମଗ୍ନ ହୋଇପଡ଼ିଛି।



ଅନୁଗୋଳ ବଜାର ନିକଟରେ ଥିବା ଏକ ଘର ବର୍ଷା ପାଣିଘେରରେ ରହିଛି।

# ବର୍ଷାରେ ଅସ୍ତବ୍ୟସ୍ତ ଅନୁଗୋଳ



- ପୌରାଞ୍ଚଳରେ ଜଳବନ୍ଦୀ ଅବସ୍ଥା
- ଅନେକଙ୍କ ଘରେ ପଶିଲା ପାଣି
- ସ୍ଥିତି ସୁଧାରିବା ପାଇଁ ପ୍ରଶାସନର ଉଦ୍ୟମ

ଅନୁଗୋଳ ଅଫିସ, ୧୯।୮

ଭୋର୍ ସମୟରୁ ଜାରି ରହିଛି ଭୀଷଣ ବର୍ଷା। ବିଜୁଳି, ଘଡ଼ଘଡ଼ି ସହ ତୁହାକୁ ତୁହା ବର୍ଷାରେ ଶୁକ୍ରବାର ଅସ୍ତବ୍ୟସ୍ତ ହୋଇପଡ଼ିଛି ଅନୁଗୋଳ। ଜିଲାରେ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଥିବାବେଳେ ଅନୁଗୋଳ ସହରରେ ସୃଷ୍ଟି ହୋଇଛି ଜଳବନ୍ଦୀ ଅବସ୍ଥା। ବିଶେଷକରି ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବାରୁ ହନ୍ତସନ୍ତ ହୋଇଛନ୍ତି ପୌରାଞ୍ଚଳବାସୀ। ସହର ବଜାରଠାରୁ ଆରମ୍ଭ କରି ବିଭିନ୍ନ କଲୋନୀ, ସାହି ପାଣି ଘେରରେ ରହିଛି। ଅନେକଙ୍କ ଘରେ ବର୍ଷା ପାଣି ପଶିଯାଇଥିବା ଦେଖିବାକୁ ମିଳିଛି। ସ୍ଥିତି ସୁଧାରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଡ୍ରୋଜର ସାହାଯ୍ୟରେ କେଉଁଠି ରାସ୍ତା ତ କେଉଁଠି ଡ୍ରେନ୍ ଖୋଲାଯାଇ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉଛି।

ପାଣିପାଗ ବିଭାଗ ପକ୍ଷରୁ ଶୁକ୍ରବାର ଅନୁଗୋଳ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି ହୋଇଥିଲା। ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଥିଲା। ବିଭାଗର ଉକ୍ତ ଆକଳନ ଅନୁଯାୟୀ ଭୋର୍ ସମୟରୁ ବର୍ଷା ଆରମ୍ଭ ହୋଇଯାଇଥିଲା। ମଧ୍ୟାହ୍ନରେ କିଛି ସମୟ ପାଇଁ ଛାଡ଼ିଥିଲେ ବି ପରେ ପୁଣି ବର୍ଷିଥିଲା। ଅନୁଗୋଳରେ ହୋଇଥିବା ୧୩୩ ମିଲିମିଟର ବର୍ଷା ଯୋଗୁ ସହର ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ପାଣି ଜମି ରହିଥିଲା। ବିଶେଷକରି ଅନୁଗୋଳ ବଜାର ସହ ବ୍ରହ୍ମଣୀଦେଇପଡା, ଶଙ୍କର ସିନେମା ରୋଡ୍, ଅମଲାପଡା, ସୌଭାଗ୍ୟନଗର, ମିଶ୍ରପଡା, ବଣିଆବାହାଳ, ଶିମିଳିପଡା, କଲେଜଛକ, ଡିଆଇସି ଛକ ଆଦି ଅଞ୍ଚଳରେ ସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। କଲେଜଛକ ଅଞ୍ଚଳରେ ଏକ ପୋଖରୀ ପାଣି ବନ୍ଧ ଡେଇଁ ଲୋକଙ୍କ ଘରେ ପଶିଯାଇଥିଲା। ଏ ନେଇ ପୌରପାଳିକାକୁ ଘନ ଘନ ଫୋନ କଲ୍ ଆସିଥିଲେ ହେଁ ପ୍ରଶାସନ ଉପୁଜିଥିବା ସଙ୍କଟର ସମାଧାନ କରିପାରି ନ ଥିଲା। ତଥାପି ଡ୍ରୋଜର ଧରି ପ୍ରଶାସନିକ ଅଧିକାରୀମାନେ ସହରରେ ବୁଲି ବୁଲି ଜଳ ନିଷ୍କାସନର ବ୍ୟବସ୍ଥା କରୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ସହରରେ ସୃଷ୍ଟି ହୋଇଥିବା ଜଳବନ୍ଦୀ ଅବସ୍ଥା ପାଇଁ ପୌର ପ୍ରଶାସନ ଉପରେ ଭୀଷଣ ବିରକ୍ତ ହୋଇଛନ୍ତି ଲୋକେ। ବର୍ଷସାରା ଡ୍ରେନ୍ ଜବରଦଖଲରେ ରହିଥିବାବେଳେ କର୍ତ୍ତୃପକ୍ଷ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି। ସହରରୁ ବର୍ଷା ପାଣି କେମିତି ନିଷ୍କାସନ ହୋଇପାରିବ ସେ ନେଇ ଉପଯୁକ୍ତ ପ୍ଲାନିଂ କରାଯାଉ ନାହିଁ। ବର୍ଷା ଆସିଲେ ସ୍ଥିତିକୁ ଦେଖି ଡ୍ରେନ୍ ମରାମତି କରାଯିବ ବୋଲି କୁହାଯାଇଥିଲେ ମଧ୍ୟ ତାହା ଏଯାଏ କରାଯାଉ ନାହିଁ। ଫଳରେ ସହରରେ ସୃଷ୍ଟି ହୋଇଥିବା ଏପରି ଅବସ୍ଥା ପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ବୋଲି ପୌରାଞ୍ଚଳବାସୀ ଅଭିଯୋଗ କରିଛନ୍ତି।

### ବନ୍ୟାର ଭ୍ରମ ସୃଷ୍ଟି ହେଲା



ପ୍ରବଳ ବର୍ଷା ଯୋଗୁ ଅନୁଗୋଳ ସହରରେ ବନ୍ୟା ପରି ସ୍ଥିତି ସୃଷ୍ଟି ହୋଇଛି। ପୌରାଞ୍ଚଳବାସୀ ଦେଇଥିବା ଟିକସକୁ ଅନ୍ୟତ୍ର ଖର୍ଚ୍ଚ କରାଯାଉଥିବା ବେଳେ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉ ନାହିଁ। ଫଳରେ ଜୋର୍‌ଦାର ବର୍ଷା ହେଲେ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

-ପ୍ରବୋଧ ସ୍ୱାଇଁ, ସହରବାସୀ

### ସ୍ଥାୟୀ ପ୍ରତିକାର ଆବଶ୍ୟକ



ସକାଳୁ ଲାଗି ରହିଥିବା ବର୍ଷା ଯୋଗୁ ଘର ଭିତରେ ଅଣ୍ଟାଏ ଉଚ୍ଚର ପାଣି ଜମି ରହିଛି। ଅଭିଯୋଗ କଲେ ମଧ ପୌର କର୍ତ୍ତୃପକ୍ଷ କେବଳ ସ୍ଥିତି ପରଖିବା ବ୍ୟତୀତ କିଛି କରୁନାହାନ୍ତି। ଡ୍ରେନେଜ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବାରୁ ଲୋକଙ୍କ ଘରେ ପାଣି ପଶୁଛି। ଏହାର ସ୍ଥାୟୀ ପ୍ରତିକାର ଆବଶ୍ୟକ।

-ମମତା ମହାରଣା, ଲକିଟାଇପ ଛକ

### ଅଧା ଡ୍ରେନ କାମ ପାଇଁ ଏଭଳି ସ୍ଥିତି



ବର୍ଷା ଋତୁ ପୂର୍ବରୁ ଡ୍ରେନ ନିର୍ମାଣ କଲେ ନାହିଁ। ଅଧା କାମ କରି ଛାଡିଦେଲେ। ଫଳରେ ବର୍ଷା ପାଣି ଏବେ ଘରେ ପଶୁଛି। ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହିଁ। ପୌରାଞ୍ଚଳରେ ଯଦି ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି, ତା'ହେଲେ ଗ୍ରାମାଞ୍ଚଳ ଲୋକଙ୍କ ଅବସ୍ଥା କିଭଳି ହେଉଥିବା ତାହା ଅନୁମାନ କରିହେଉଛି।

-ସରସ୍ୱତୀ ଦାସ, ସୁସୁଡା

### ସୁଧାରିବାକୁ ପଦକ୍ଷେପ ନିଆଯିବ



ପୂର୍ବରୁ ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (ତାମଡା) ବିନା ପ୍ଲାନରେ ଘର କରିବାକୁ ଲୋକଙ୍କୁ ଅନୁମତି ଦେଉଥିଲା। ଏପରିକି ପ୍ଲଟିଂ କରି ଜମି ପ୍ରଦାନ କରାଯାଉଥିଲା। ସହରରେ ଡ୍ରେନ ବ୍ୟବସ୍ଥାକୁ ଅଣଦେଖା କରାଯିବାରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ଏଥିରେ ସୁଧାର ଅଣାଯିବାର ବ୍ୟବସ୍ଥା କରାଯିବ।

-ଅକ୍ଷୟ କୁମାର ସାମନ୍ତ, ନଗରପାଳ, ଅନୁଗୋଳ ପୌରପାଳିକା

### ଲୋକଙ୍କ ପାଇଁ ସମସ୍ୟା ହେଉଛି



ଲୋକମାନେ ଡ୍ରେନକୁ ଜବରଦଖଲରେ ରଖିଛନ୍ତି। ସେଥିପାଇଁ ବର୍ଷା ହେଲେ ପାଣି ନିଷ୍କାସନ ହୋଇପାରୁ ନାହିଁ। ପୌରପାଳିକା ପକ୍ଷରୁ ଉଚ୍ଛେଦ ବେଳେ ଲୋକମାନେ ଜବରଦଖଲ ଉଠାଇବେ ବୋଲି କହିଥିଲେ। କିନ୍ତୁ ସେମାନେ ଉଠାଇ ନାହାନ୍ତି। ତେଣୁ ପୁଣି ଉଚ୍ଛେଦ କରାଯିବ। ଅଭିଯୋଗ ମିଳିବା ପରେ ତୁରନ୍ତ ପାଣି ନିଷ୍କାସନ ବ୍ୟବସ୍ଥା କରାଯାଉଛି।

-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ

## ବନ୍ୟାବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇଲା ଲଘୁଚାପ

ଅନୁଗୋଳ ଅଫିସ/ ଆଠମଲ୍ଲିକ, ୧୯।୮

ଅନୁଗୋଳ ଜିଲାରେ ବନ୍ୟା ପାଣି ହ୍ରାସ ହେଉଥିବାବେଳେ ଶୁକ୍ରବାର ଲଗାଣ ବର୍ଷା ବିପନ୍ନଙ୍କ ଦୁଃଖ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ବିଶେଷକରି ଅନୁଗୋଳ ବ୍ଲକ ଅଞ୍ଚଳରେ ୧୩୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାରୁ ଦିନ ତମାମ ବହୁ ହଇରାଣ ହରକତ ହେବାକୁ ପଡ଼ିଛି ବନ୍ୟା ପ୍ରଭାବିତ ଟିକରପଡ଼ା ଅଞ୍ଚଳବାସୀଙ୍କୁ। ସେହିପରି ଆଠମଲ୍ଲିକ ବ୍ଲକରେ ୨୬.୮ ମିଲିମିଟର ବର୍ଷା ହୋଇଥିବାରୁ ଦିନତମାମ ବନ୍ୟାବିପନ୍ନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ତେବେ ବନ୍ୟା ଯୋଗୁ ବହୁ ସ୍ଥାନରେ ଲୋକଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଚାଷ ଜମି ଉପରୁ ପାଣି ଧୀରେ ଧୀରେ ଖସିବାରେ ଲାଗିଛି। ହେଲେ ଫସଲ ଅବସ୍ଥା ଏତେ ଖରାପ ହୋଇଯାଇଛି ଯେ ତାହା ବଞ୍ଚିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କୁଦଗାଁ ପଞ୍ଚାୟତର ନଦୀ ଗର୍ଭରେ ଥିବା କୁଦଗାଁ ଗ୍ରାମର ୨୦୦ ଜଣଙ୍କୁ ୬ ଦିନ ହେଲା ଅସ୍ଥାୟୀ ଶିବିରରେ ରଖାଯାଇଥିବା ସରପଞ୍ଚ ସିଦ୍ଧାର୍ଥ ଖେତୀ ପ୍ରକାଶ କରିଛନ୍ତି। ଗ୍ରାମର କିଛି ଲୋକଙ୍କ କଚ୍ଚା ଘର ଭାଙ୍ଗି ଯାଇଥିବା ଜଣାପଡିଛି। ଅଏଡା ପଞ୍ଚାୟତର ଦ୍ୱାରି ବାରିକ, ନିରଞ୍ଜନ ବେହେରା, ଛବି ମହାନନ୍ଦିଆ, ମେଘୁ ବେହେରା, କୁମୁଦିନୀ ତରିଆ, ଲୁହାସିଙ୍ଗା ପଞ୍ଚାୟତର ଲଳିତ ମଲ୍ଲିକ, ଜାମୁଡୋଲୀ ପଞ୍ଚାୟତର ସୁରେଶ ପ୍ରଧାନଙ୍କ ବାସଗୃହ ଭାଙ୍ଗି ଯାଇଛି। ପୂର୍ବରୁ ଘର ଭାଙ୍ଗିଥିବା ୧୦ ଜଣ କ୍ଷତିଗ୍ରସ୍ତଙ୍କୁ ପାଲ ଯୋଗାଇ ଦିଆଯାଇଛି। ବନ୍ୟା ଛାଡିଲା ପରେ କ୍ଷୟକ୍ଷତିର ଆକଳନ କରାଯିବ ବୋଲି ରାଜସ୍ୱ ନିରୀକ୍ଷକ ଅମର ଦେହୁରୀ ସୂଚନା ଦେଇଛନ୍ତି। ସେହିପରି କୁଦଙ୍ଗା ପଞ୍ଚାୟତର ନୀଳକଣ୍ଠପଡା ଗ୍ରାମର ଶମ୍ଭୁନାଥ କୁମ୍ଭାରଙ୍କ ଘର ଭାଙ୍ଗିଯାଇଛି। ଆଠମଲ୍ଲିକ ତହସିଲଦାର ସଫି ସଇନିକା ପଇଁଅଁକୁଳ ଅଞ୍ଚଳକୁ ଯାଇ ବନ୍ୟା ପରିସ୍ଥିତି ସମୀକ୍ଷା କରିଛନ୍ତି।



ବନ୍ୟା ଜଳରେ ଚାଷ ଜମିରେ ଫସଲ ନଷ୍ଟ ହୋଇଯାଇଛି।



ଆଠମଲ୍ଲିକରେ ବନ୍ୟାଜଳ ଅନେକମାତ୍ରାରେ ହ୍ରାସ ପାଇଛି।

## ସଂକ୍ଷେପରେ

### ୨ ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୯।୮(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ସାନଗୋବିନ୍ଦପୁର ଗ୍ରାମର ସୀତା ନାୟକଙ୍କୁ ତାଙ୍କ ପୁଅ ସୁଶାନ୍ତ ନାୟକ ଗୁରୁବାର ମାଡ଼ ମାରିଥିବା ସୀତା ବଇଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୧୬/୨୨ ରେ ମାମଲା ରୁଜୁ କରିଛି। ସେହିପରି ଗାଁ ବଇଣ୍ଡା ରଙ୍ଗମାଟିଆ ସାହି ଅଞ୍ଚଳର ଲୀଳାବତୀ ମହାପାତ୍ରଙ୍କୁ ସେହି ଗ୍ରାମର ସରୋଜ ବେହେରା ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ଗୁରୁବାର ଲୀଳାବତୀ ବଇଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୧୭/୨୨ ରେ ଏକ ମାମଲା ରୁଜୁ କରିଛି।

### ପଦ ବଜାୟ ରଖିଲେ ଦିନେଶ



ଅନୁଗୋଳ ଅଫିସ, ୧୯।୮: ବିଜୁ ଯୁବ ଜନତା ଦଳର ଅନୁଗୋଳ ଜିଲା ସଭାପତି ଭାବେ ଦିନେଶ ପ୍ରଧାନଙ୍କୁ ପୁନଃ ନିଯୁକ୍ତି ମିଳିଛି। ଫଳରେ ତୃତୀୟ ଥର ପାଇଁ ସେ ଉକ୍ତ ପଦ ବଜାୟ ରଖିଛନ୍ତି। ତାଙ୍କ ଉପରେ ଦଳ ଏପରି ଭରସା ପ୍ରକଟ କରିଥିବାରୁ ପ୍ରଧାନ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଦଳର ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା, ବରିଷ୍ଠ ପର୍ଯ୍ୟବେକ୍ଷକ ପ୍ରତାପ ଜେନା, ଜିଲା ପର୍ଯ୍ୟବେକ୍ଷକ ପ୍ରଶାନ୍ତ ମୁଦୁଲି, କୁନ ବିହାରୀ ଦାସ, ସାଧାରଣ ସମ୍ପାଦକ ଯୁବ ବ୍ୟାପାର ପ୍ରଣବ ବଳବନ୍ତରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାଏଙ୍କ ସହ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ଜିଲାର ନେତୃମଣ୍ଡଳୀଙ୍କ ନିକଟରେ ସେ କୃତଜ୍ଞତା ପ୍ରକାଶ କରିଛନ୍ତି।

## ରାଶନ ବଣ୍ଟନରେ ଅନିୟମିତତା ଅଭିଯୋଗ

ଛେଣ୍ଡିପଦା,୧୯।୮ (ସ୍ୱ.ପ୍ର.)



ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି ଗ୍ରାମବାସୀ।

ଛେଣ୍ଡିପଦା ବ୍ଲକ ପାତ୍ରପଡା ପଞ୍ଚାୟତର ରାଇପାଳ ଗ୍ରାମରେ ରାଶନ ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବସୀ ଶୁକ୍ରବାର ବ୍ଲକ ଘେରାଉ କରିବା ସହିତ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ରାଶନ ପ୍ରଦାନରେ ଅନିୟମିତତା ସହ ହିତାଧିକାରୀମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରାଯାଉଛି। ରାଶନ ସାମଗ୍ରୀରୁ କିଛି କାଟି ରଖାଯାଉଛି। ଏ ନେଇ ଗ୍ରାମବାସୀ ପୂର୍ବରୁ ବ୍ଲକ୍ ପ୍ରଶାସନକୁ ୨ଥର ଅଭିଯୋଗ କରିଥିଲେ। ପ୍ରଶାସନ ଅନ୍ୟ ଜଣେ ଡିଲରଙ୍କୁ ରାଶନ ବଣ୍ଟନ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଚଳିତ ମାସରେ ପୂର୍ବରୁ ଦାୟିତ୍ୱରେ ଥିବା ଡିଲର ରାଶନ ବଣ୍ଟନ କରିବାକୁ ଆଣିଥିବା ବେଳେ ହିତାଧିକାରୀମାନେ ତାହାକୁ ବିରୋଧ କରିଥିଲେ। ତୁରନ୍ତ ସମ୍ପୃକ୍ତ ଡିଲରଙ୍କୁ ରାଶନ ବଣ୍ଟନରୁ ବାଦ୍ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ତ୍ରିବିକ୍ରମ କୁମୁରା କହିଛନ୍ତି, ଯୋଗାଣ ଅଧିକାରୀ ଆସିବା ପରେ ଅଭିଯୋଗର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

## ସେଣ୍ଟ୍ରାଲ ହସ୍ପିଟାଲରେ ହୋଇପାରୁନି ଅଲ୍ଟ୍ରାସାଉଣ୍ଡ

ତାଳଚେର, ୧୯।୮ (ନି.ପ୍ର.)

**ଜିଲା ସ୍ୱାସ୍ଥ୍ୟ ବିଭାଗର ଅବହେଳା**

ଜିଲା ସ୍ୱାସ୍ଥ୍ୟ ବିଭାଗର ଅବହେଳା କାରଣରୁ ତାଳଚେରସ୍ଥିତ ଏମ୍‌ସିଏଲ୍‌ର କେନ୍ଦ୍ରୀୟ ଚିକିତ୍ସାଳୟରେ ଗତ ମେ ମାସରୁ ଅଲ୍ଟ୍ରାସାଉଣ୍ଡ ସେବା ବନ୍ଦ ରହିଥିବା ଅଭିଯୋଗ ହୋଇଛି। ଫଳରେ ୨୦ ହଜାରରୁ ଅଧିକ ଶ୍ରମିକ ଏବଂ ପାରିପାର୍ଶ୍ୱିକ ଅଞ୍ଚଳବାସୀ ଏହି ସୁବିଧା ପାଇବାରୁ ବଞ୍ଚିତ ହେଉଥିବାରୁ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଯଥେଷ୍ଟ ସମୟ ପୂର୍ବରୁ ଏମ୍‌ସିଏଲ୍ ସେଣ୍ଟ୍ରାଲ ହସ୍ପିଟାଲ କର୍ତ୍ତୃପକ୍ଷ ଅଲଟ୍ରାସାଉଣ୍ଡ ମେଶିନ ନବୀକରଣ ନିମନ୍ତେ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଆବେଦନ କରିଥିଲେ। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ପରିଦର୍ଶନ କି ଅନୁଧ୍ୟାନ କରିବାକୁ ସେଣ୍ଟ୍ରାଲ ହସ୍ପିଟାଲ ନ ଆସିବା ସହ ନବୀକରଣ ସାର୍ଟିଫିକେଟ୍ ଜାରି କରିନାହାନ୍ତି। ଫଳରେ ଗତ ୩ ମାସ ହେଲା ସେଣ୍ଟ୍ରାଲ ହସ୍ପିଟାଲରେ ରୋଗୀଙ୍କୁ ଅଲଟ୍ରାସାଉଣ୍ଡ ସେବା ମିଳିପାରୁ ନାହିଁ। ଏମ୍‌ସିଏଲ୍ ରାଜ୍ୟ ସରକାରଙ୍କୁ କୋଟି କୋଟି ଟଙ୍କା ରାଜସ୍ୱ ଦେଉଥିବାବେଳେ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ସହଯୋଗ ମନୋଭାବ ପୋଷଣ ନ କରାଯିବା ନେଇ ଶ୍ରମିକ ସଙ୍ଗଠନ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଜିଲା ପ୍ରଶାସନ ନବୀକରଣ ସାର୍ଟିଫିକେଟ ଜାରି କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା,୧୯।୮(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ନୁନୁକାପଶି ପଞ୍ଚାୟତ ବୈଷ୍ଣବସାହିର ଲାଲୁ ମୁଖୀଙ୍କୁ ଶରଧାମୁଣ୍ଡା ଗ୍ରାମର ସୁରେଶ ପ୍ରଧାନ ଏକ କଟୁରିରେ ଆକ୍ରମଣ କରିଥିବା ଗୁରୁବାର ଲାଲୁଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୧୮/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁରେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଲାଲୁ ଓ ପୁତୁରା ଉଗ୍ରସେନ ମୁଖି ଘରକୁ ଆସୁଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସୁରେଶ ଆକ୍ରମଣ କରିଥିଲେ। ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ସୁରେଶଙ୍କୁ ଗିରଫ କରିଥିଲେ।

## ୨୧ ଯାଏ ଜିଲା ବୁଲିବ ଅହିଂସା ରଥ

ଅନୁଗୋଳ ଅଫିସ,୧୯।୮



ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ସ୍ୱାଧୀନତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବାହାରିଥିବା ଅହିଂସା ରଥ ଶୁକ୍ରବାରଠାରୁ ଅନୁଗୋଳ ଜିଲା ପରିକ୍ରମା ଆରମ୍ଭ କରିଛି। ଆସନ୍ତା ୨୧ ତାରିଖ ଯାଏ ବୁଲିବାକୁ ଥିବା ଏହି ରଥକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜିଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା, ଅନୁଗୋଳ ଉପଜିଲାପାଳ ବଇତୁରା ଦୀପ୍, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମ, ପର୍ଯ୍ୟଟନ ସ୍ଥଳୀ, ଦେବଦେବୀ ପୀଠ ଆଦି ପରିକ୍ରମା କରି ସ୍ୱାଧୀନତାର ସଫଳତାକୁ ନେଇ ସଭାସମିତି ଆୟୋଜନ କରିବ। ଜିଲା ପ୍ରଶାସନ ତରଫରୁ ଏହି କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ ନିର୍ବାଚିତ ଲୋକପ୍ରତିନିଧିମାନଙ୍କୁ ସାମିଲ କରାଯାଇଛି।

## ଏମ୍‌ସିଏଲ୍‌କୁ ଶୀର୍ଷ ସମ୍ମାନ

ତାଳଚେର, ୧୯।୮ (ନି.ପ୍ର.)




କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏମ୍‌ସିଏଲ୍ ସିଏମ୍‌ଡି ପୁରସ୍କାର ଗ୍ରହଣ କରୁଛନ୍ତି।

୨୦୨୧-୨୨ ବର୍ଷରେ ଉତ୍ପାଦନ, ଗୁଣବତ୍ତା ଓ ସୁରକ୍ଷା ଶ୍ରେଣୀରେ ମହାନଦୀ କୋଲ୍‌ଫିଲଡସ୍ ଲିମିଟେଡ (ଏମ୍‌ସିଏଲ୍) ପ୍ରଥମ ପୁରସ୍କାର ହାସଲ କରି କୋଇଲା ମନ୍ତ୍ରୀ ପୁରସ୍କାରରେ ସମ୍ମାନିତ ହୋଇଛି। ଗୁରୁବାର ନୂଆଦିଲ୍ଲୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଓ.ପି. ସିଂ କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଏବଂ ଖଣି ବିଭାଗର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପୁରସ୍କାର ବିତରଣ ସମାରୋହରେ ଏମ୍‌ସିଏଲ୍ ନିର୍ଦ୍ଦେଶକ (କାର୍ମିକ) କେଶବ ରାଓ, ନିର୍ଦ୍ଦେଶକ ବୈଷୟିକ (ଯୋଜନା ଏବଂ ପରିଯୋଜନା) ଯୁଗଳ କୁମାର ବୋରା, ନିର୍ଦ୍ଦେଶକ (ବିତ୍ତ) ଏ.କେ. ବେହୁରା, କୋଇଲା ମନ୍ତ୍ରାଣାଳୟ ସଚିବ ଡ. ଏ.କେ. ଜୈନ, କୋଲ ଇଣ୍ଡିଆ ଅଧ୍ୟକ୍ଷ ପ୍ରମୋଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ ତିନୋଟି କ୍ଷେତ୍ରର ଜେନେରାଲ ମ୍ୟାନେଜର ସଞ୍ଜୟ ଝା, ଏ.କେ. ସ୍ୱର୍ଣ୍ଣକାର ଏବଂ କେ.କେ. ରୁଲ ଯଥାକ୍ରମେ ବସୁନ୍ଧରା କ୍ଷେତ୍ର, ହିଙ୍ଗୁଳା କ୍ଷେତ୍ର ଏବଂ କଣିହାଁ କ୍ଷେତ୍ରର ପ୍ରଦର୍ଶନରେ ଉତ୍କର୍ଷ ପାଇଁ କୋଇଲା ମନ୍ତ୍ରୀ ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ଜିତିବା ପରେ ସିଏମ୍‌ଡି ସମଗ୍ର ଏମ୍‌ସିଏଲ୍ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଟିମ୍ ଏମସିଏଲର ପ୍ରତ୍ୟେକ ସଦସ୍ୟ ଏବଂ ଖଣି କାର୍ଯ୍ୟରେ ନିୟୋଜିତ ସମସ୍ତ ଠିକା କର୍ମଚାରୀଙ୍କୁ ଏହି କୋଇଲା ମନ୍ତ୍ରୀ ପୁରସ୍କାର ଉତ୍ସର୍ଗ ବୋଲି ସିଂ କହିଛନ୍ତି। ମୋଟ ୫ଟି ବର୍ଗ ମଧ୍ୟରୁ ଏମ୍‌ସିଏଲ୍ ତିନିଟି ବର୍ଗରେ ପ୍ରଥମ ପୁରସ୍କାର ହାସଲ କରିଥିବାବେଳେ ସ୍ଥିରତା ବର୍ଗର ପ୍ରଥମ ପୁରସ୍କାର ୱେଷ୍ଟର୍ନ କୋଲ୍‌ଫିଲଡସ ଲିମିଟେଡ (ଡବ୍ଲୁସିଏଲ) ଓ ଇଆରପି କାର୍ଯ୍ୟକାରୀ କରିବାରେ ନର୍ଦ୍ଦନ କୋଲଫିଲଡସେ ଲିମିଟେଡ(ଏନ୍‌ସିଏଲ୍) ପ୍ରଥମ ପୁରସ୍କାର ଲାଭ କରିଛି।

## ସଂକ୍ଷେପରେ

### ହୃଦ୍‌ଘାତରେ ଯାତ୍ରାପାର୍ଟି ପରିଚାଳକଙ୍କ ମୃତ୍ୟୁ

**ଢେଙ୍କାନାଳ ଅଫିସ, ୧୯।୮:** ଢେଙ୍କାନାଳ ସଦର ଥାନା ଝାରଗଡ଼ିଆ ଫାଣ୍ଡି ଅଧୀନ ସିମିଳଇଠାରେ ଯାତ୍ରାପାର୍ଟି 'ଇନ୍ଦ୍ରଭୁବନ'ର ପରିଚାଳକ ଅରୁଣ କୁମାର ବଳ ଓରଫ ବୁଲୁଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସକାଳ ୭ଟାରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସହକର୍ମୀମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଝାରଗଡ଼ିଆ ଫାଣ୍ଡି ପୋଲିସ ଯାତ୍ରା ପଡ଼ିଥିବା ସ୍ଥଳ ଏବଂ ଚିକିତ୍ସାଳୟରେ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ନଂ. ୪୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଅରୁଣଙ୍କ ଘର ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳରେ ବୋଲି ଯାତ୍ରାପାର୍ଟିର ମୁଖ୍ୟ ମ୍ୟାନେଜର ମନୋଜ କୁମାର ନାୟକ ପୋଲିସକୁ ଜଣାଇଛନ୍ତି।

### କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ପମ୍ପ ଚୋରି



**ପରଜଙ୍ଗ, ୧୯।୮(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଗେଙ୍ଗୁଟିଆସ୍ଥିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପାଣିପମ୍ପ ଚୋରି ହୋଇଯାଇଛି। ଏ ନେଇ ମା' ଗ୍ରାମେଶ୍ୱରୀ ପାଣି ପଞ୍ଚାୟତର ସଦସ୍ୟମାନେ ଦଦରାଘାଟି ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ଗତ ଗୁରୁବାର ରାତିରେ ଉକ୍ତ ମୋଟରକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛନ୍ତି। ଫଳରେ ଏହି ପ୍ରକଳ୍ପ ଉପରେ ନିର୍ଭରଶୀଳ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପାଣି ପଞ୍ଚାୟତ ସଭାପତି ମୀନକେତନ ବେହେରା, ନୀହାର ବେହେରା, ଅଭୟ ବେହେରା, ଆକୁଳ ବେହେରା ପ୍ରମୁଖ ବହୁ ଚାଷୀ ଦାବି କରିଛନ୍ତି।

### ରାଧାମାଧବ ମନ୍ଦିରରେ ଜନ୍ମାଷ୍ଟମୀ

**ଢେଙ୍କାନାଳ ଅଫିସ, ୧୯।୮:** ଢେଙ୍କାନାଳ ସଦର ବ୍ଲକ୍ ନଡ଼ିଆଳି ପଞ୍ଚାୟତ ଅସନକଟା ଗ୍ରାମସ୍ଥିତ ଶ୍ରୀରାଧାମାଧବ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ପୂଜକ ଚୈତନ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ଠାକୁରଙ୍କ ଜନ୍ମାଷ୍ଟମୀ ନୀତିକାନ୍ତି କରାଯାଇଥିଲା। ଏଥିସହ ଭାଗବତ ମହାପୁରାଣ ୧୦ମ ସ୍କନ୍ଦ ଗୋପଲୀଳା ପାଠ କରାଯାଇଥିଲା। ଜିଲା ଜଗନ୍ନାଥ ଚେତନା ସମିତି ସଭାପତି ପ୍ରଦ୍ୟୁମ୍ନ ରଥ ଅତିଥି ଭାବେ ଯୋଗଦେଇ ଭାଗବତର ଶ୍ରୀକୃଷ୍ଣଙ୍କ ଜନ୍ମ ଅଧ୍ୟାୟ ପାଠ କରିଥିଲେ। ମନ୍ଦିର ଟ୍ରଷ୍ଟି କ୍ଷେତ୍ରବାସୀ ସାହୁ, ସୁଦାମ ବେହେରା, ସତ୍ୟ ବେହେରା, ସୁରେଶ ସାହୁ, ଗଣେଶ୍ୱର ସାହୁ, ପାଣ୍ଡବ ବେହେରା, ଜଗନ୍ନାଥ ଚେତନା ସମିତି ସଭ୍ୟ ଅଖିଳ ମହାପାତ୍ର, ମହେନ୍ଦ୍ର ସାହୁଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ୩୧ରେ ଆବାହନ, ୬ରେ ବିସର୍ଜନ



ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ପୂଜା ଅନୁଷ୍ଠାନର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧୯।୮**

- ୩୮ ମଣ୍ଡପରେ ପୂଜାପାଇବେ ବିଘ୍ନବିନାଶକ
- ମହିଳାଙ୍କୁ ଉଚିତ ସମ୍ମାନ ପ୍ରଦାନ ଉପରେ ଗୁରୁତ୍ୱ
- ଭସାଣିରେ ମଦ୍ୟପାନ ନିଷେଧ ପାଇଁ ଶପଥ

ଦୀର୍ଘ ଦୁଇବର୍ଷ ପରେ ମଣ୍ଡପରେ ବିରାଜିବେ ବିଘ୍ନବିନାଶକ। ଆଡମ୍ବର ସହକାରେ ବିଦ୍ୟାଦାତାଙ୍କୁ କରାଯିବ ଆବାହନ। ଅସ୍ଥାୟୀ ମଣ୍ଡପରେ ଅଗଷ୍ଟ ୩୧ରୁ ପାରମ୍ପରିକ ନୀତି ଅନୁଯାୟୀ ପୂଜା ଆରମ୍ଭ ହେବ। ୬ ତାରିଖରେ ଗଜାନନଙ୍କୁ ବିଦାୟ ଦିଆଯିବ। ଚଳିତବର୍ଷ ଢେଙ୍କାନାଳ ସହରରେ ୩୮ଟି ମେଢ ହେଉଥିବାବେଳେ ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ଲାଗି ଆରମ୍ଭ ହୋଇଛି ପ୍ରସ୍ତୁତି। ପୂଜା ଓ ଭସାଣି ଯାତ୍ରା ସମୟରେ ମହିଳାଙ୍କୁ ଉଚିତ ସମ୍ମାନ ପ୍ରଦର୍ଶନ କରିବାକୁ ଜିଲାପାଳ ସରୋଜ କୁମାର ସେଠୀ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ବିସର୍ଜନ ଶୋଭାଯାତ୍ରାରେ ମଦ୍ୟପାନ ସମ୍ପୂର୍ଣ୍ଣ ନିଷେଧ କରିବା ଲାଗି ପୂଜା କମିଟିର କର୍ମକର୍ତ୍ତାମାନେ ଶପଥ ନେଇଛନ୍ତି।

ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲାପାଳ ଅଧ୍ୟକ୍ଷତା କରିବା ସହ ଶାନ୍ତିଶୃଙ୍ଖଳାର ସହ ପୂଜା ସମାପନ କରିବା ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ରାଜ୍ୟ ସରକାରଙ୍କ କୋଭିଡ୍ ନିୟମ ଅନୁଯାୟୀ ଗଣେଶ ପୂଜା ପାଳନ କରାଯିବ। ଯଦି ଉକ୍ତ ସମୟରେ କୌଣସି ନୂଆ ନିୟମ ଲାଗୁ ହୁଏ, ତେବେ ଏଥିରେ ତଦନୁଯାୟୀ ପରିବର୍ତ୍ତନ ହେବ। ଭସାଣି ଯାତ୍ରା ଅର୍ଥାତ୍ ୬ ତାରିଖ ସକାଳ ୭ଟା ସୁଦ୍ଧା ସମସ୍ତ ମେଢ଼ ମଣ୍ଡପରୁ ବାହାରି ପୂର୍ବାହ୍ନ ୮ଟା ସୁଦ୍ଧା ମିନି ଷ୍ଟାଡିୟମରେ ପହଞ୍ଚିବେ। ଲଟେରି ମାଧ୍ୟମରେ ମେଢ଼ଗୁଡ଼ିକର କ୍ରମିକ ନମ୍ବର ସ୍ଥିର କରାଯିବ। କ୍ରମିକ ସଂଖ୍ୟା ଅନୁଯାୟୀ ପ୍ରତି ମେଢ଼ଗୁଡ଼ିକ ଶୋଭାଯାତ୍ରାରେ ଯିବେ। ଦୁଇ ମେଢ଼ ମଧ୍ୟରେ ସର୍ବନିମ୍ନ ବ୍ୟବଧାନ ୫୦ ଫୁଟ୍ ରହିବ। ଚଳିତ ବର୍ଷ ୩ଟି ରୁଟ୍‌ରେ ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବ। କେତେକ ପୂଜା ପ୍ରତିଷ୍ଠାନ ମୁଖ୍ୟବଜାର ଦେଇ କାଠଶଙ୍ଖରେ, ଅନ୍ୟ କେତେକ ପୂଜା ମଣ୍ଡପ ବସ୍‌ଷ୍ଟାଣ୍ଡ-ଗୁଡ଼ିଆନାଳୀ-କୁଞ୍ଜକାନ୍ତ ଦେଇ ଏବଂ ଅବଶିଷ୍ଟ ମେଢ ରଥଗଡ଼ା-ଦେଉଳସାହି ଦେଇ ନିର୍ଦ୍ଧାରିତ ପୁଷ୍କରିଣୀରେ ମୂର୍ତ୍ତି ବିସର୍ଜନ କରିବେ। ୧ନଂ. ସ୍ଥାନରେ ଥିବା ମେଢ଼ ଅପରାହ୍ନ ୪ଟା ସୁଦ୍ଧା କାଠଶଙ୍ଖଠାରେ ବିସର୍ଜନ ହେବ। ସନ୍ଧ୍ୟା ୭ଟା ସୁଦ୍ଧା ଭସାଣି ଯାତ୍ରା ଶେଷ ହେବ। ଚଳିତବର୍ଷ ଡିଜିଟାଲ ସାଉଣ୍ଡ ଉପରେ କଟକଣା ଜାରି କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହେବେ। ସମସ୍ତ ଅନୁଷ୍ଠାନର ସଭାପତି, ସମ୍ପାଦକ ଦାୟିତ୍ୱବାନ ହୋଇ କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ହୋଇଛି।

ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ଭସାଣିର ଦିନକ ପୂର୍ବରୁ ମଦ ଦୋକାନ ବନ୍ଦ, ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ନିଷେଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମିନି ଷ୍ଟାଡିୟମ, ସୁପର ମାର୍କେଟ, ଜବାହର ଚୌକ, ବାଜିଚୌକଠାରେ ପାନୀୟ ଜଳ, ବାଜିଚୌକରେ ଆଶୁ ଚିକିତ୍ସା ସେବା ବ୍ୟବସ୍ଥା କରାଯିବ। ସେଠାରେ ଆମ୍ବୁଲାନ୍ସ ମଧ୍ୟ ରହିବ। ଆକର୍ଷଣୀୟ ମୂର୍ତ୍ତି, ମେଢ, ସାଜସଜ୍ଜା ଏବଂ ଶୃଙ୍ଖଳା ରକ୍ଷା କରିଥିବା ଶ୍ରେଷ୍ଠ ୩ ମଣ୍ଡପକୁ ଜିଲାପାଳଙ୍କ ଅନୁମୋଦନ ପରେ ପଲ୍ଲିଶ୍ରୀ ମେଳାରେ ପୁରସ୍କୃତ କରାଯିବ ବୋଲି ସ୍ଥିର କରାଯାଇଛି। ବୈଠକରେ ମିଳିତ ଗଣେଶ ବଜାର ପୂଜା କମିଟି ସଭାପତି ସୁଧାଂଶୁ ଶେଖର ଦଳେଇ, ସମ୍ପାଦକ ବିଶ୍ୱନାଥ ବେହେରା, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ସମସ୍ତ ପରୀକ୍ଷାର୍ଥୀ ଫାଷ୍ଟକ୍ଲାସ୍

**ଢେଙ୍କାନାଳ ଅଫିସ, ୧୯।୮**



ଦିବ୍ୟାଂଶା ଦ୍ୱିବେଦୀ



ଅର୍ପିତା ବିଶୋଇ

- ଇ-ଟେକ୍ ଯୁକ୍ତ ୩ ଆବାସିକ କଲେଜ ପରୀକ୍ଷାଫଳ

ଢେଙ୍କାନାଳ ଗଣେଶ ବଜାରସ୍ଥିତ ଇ-ଟେକ୍ ବିଜ୍ଞାନ ଡିଗ୍ରୀ ଆବାସିକ କଲେଜର ଯୁକ୍ତ ୩ ବିଜ୍ଞାନ ବିଭାଗର ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ଉକ୍ତ ଶିକ୍ଷାନୁଷ୍ଠାନର ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, କମ୍ପ୍ୟୁଟର ସାଇନ୍ସ, ଗଣିତ, ଉଦ୍ଭିଦ ଓ ପ୍ରାଣୀ ବିଜ୍ଞାନ ସମ୍ମାନ ବିଷୟରେ ପରୀକ୍ଷା ଦେଇଥିବା ସମସ୍ତ ୯୨ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ଉଦ୍ଭିଦ ବିଜ୍ଞାନ ବିଭାଗ ଛାତ୍ରୀ ଦିବ୍ୟାଂଶା ଦ୍ୱିବେଦୀ ୯.୭୦ ସିଜିପିଏ ଏବଂ ଅର୍ପିତା ବିଶୋଇ ୯.୬୧ ସିଜିପିଏ ରଖି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ୯୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୫ ଜଣ ୯ ସିଜିପିଏରୁ ଅଧିକ ନମ୍ବର ରଖିଛନ୍ତି। ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମ, ଅଧ୍ୟାପିକା ଅଧ୍ୟାପକଙ୍କ ନିଷ୍ଠା ଓ କର୍ମଚାରୀଙ୍କ କର୍ତ୍ତବ୍ୟପରାୟଣ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ଅଧ୍ୟକ୍ଷ ଜୟନ୍ତ ବର୍ମା, ନିର୍ଦ୍ଦେଶିକା ଅଳକା ରାଉତ କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ମଳୟ ମଞ୍ଜରୀ ବେହେରା, ଉଦ୍ଭିଦ ବିଜ୍ଞାନର ରୋଜାଲିନ୍ ବେହେରା ସର୍ବାଧିକ ନମ୍ବର ରଖି ଉତ୍କଳ ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ବିଜ୍ଞାନ ବିଭାଗରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ରହିଥିଲେ।

## ଅହିଂସା ରଥକୁ ବିଦାୟ ସମ୍ବର୍ଦ୍ଧନା

**ଢେଙ୍କାନାଳ ଅଫିସ, ୧୯।୮**

'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଉପଲକ୍ଷେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦେଶପ୍ରେମର ବାର୍ତ୍ତା ବାଣ୍ଟିବା ଲାଗି ଢେଙ୍କାନାଳ ଜିଲାରେ ୩ଦିନ ଧରି ପରିକ୍ରମା କରିଥିବା ଅହିଂସା ରଥକୁ ଶୁକ୍ରବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଜିଲା କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜିଲାପାଳ ସରୋଜ କୁମାର ସେଠୀ ପତାକା ଦେଖାଇ ଦୁଇ ଅହିଂସା ରଥକୁ ବିଦାୟ ଦେଇଥିଲେ। ଉକ୍ତ ଦୁଇ ରଥ ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନ ପରିକ୍ରମା କରିବ। ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଦତ୍ତଙ୍କ ସମେତ ଜିଲା ପ୍ରଶାସନର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରମାଣପତ୍ର ପାଇଁ ୩୬୫ ଯୋଗ୍ୟ




ଶିବିରରେ ଉପସ୍ଥିତ ଅଧିକାରୀମାନେ।

**ଭୁବନ, ୧୯।୮(ଡି.ଏନ୍.ଏ.)**

- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଢେଙ୍କାନାଳ ଜିଲା ଭୁବନ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧୀନ ୧୮ ପଞ୍ଚାୟତ ଏବଂ ଏନ୍‌ଏସିର ୪୧୨ ଆଶାୟୀ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୩୬୫ ଜଣ ପ୍ରମାଣପତ୍ର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲାର ବିଭିନ୍ନ ଚିକିତ୍ସାଳୟରୁ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ରୋଗ ନିରୂପଣ କରିଥିଲେ। ଭେଷଜ ବିଭାଗର ୧୨, ମାନସିକ ରୋଗ ବିଭାଗରେ ୭୮, କର୍ଣ୍ଣ ବିଭାଗରେ ୭୯, ଚକ୍ଷୁ ବିଭାଗରେ ୩୯, ଅସ୍ଥିଶଲ୍ୟ ବିଭାଗରେ ୧୫୭ ରୋଗୀ ଚିହ୍ନଟ ହୋଇଛନ୍ତି।

ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଜନ କୁମାର ମିଶ୍ରଙ୍କ ପରିଚାଳନାରେ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅଶୋକ କୁମାର ଦାସ, ବିଡିଓ କଲ୍ୟାଣ ସୌରଭ ଦାଶ, ବ୍ଲକ ପଞ୍ଚାୟତ ଅଧିକାରୀ ଶ୍ରୀକାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବାଜି ରାଉତ କଲେଜର ସ୍ୱେଚ୍ଛାସେବୀ, ଅଙ୍ଗନୱାଡି କର୍ମୀ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଶିବିର ପରିଚାଳନା କରିଥିଲେ।

# ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ଭାଜପା

**ଢେଙ୍କାନାଳ ଅଫିସ, ୧୯।୮**



ଭାଜପା ନେତୃବୃନ୍ଦ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

- ଡାକ୍ତରଖାନାରୁ ଡେଇଁ ରୋଗୀ ଆତ୍ମହତ୍ୟା ଘଟଣା
- ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ୪ ମହଲା କୋଠାରୁ ଡେଇଁ ଜଣେ ରୋଗୀ ଆତ୍ମହତ୍ୟା କରିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଭାଜପା। ଏ ନେଇ ଶୁକ୍ରବାର ଦଳର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ଭେଟି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ, ସେଥିଲାଗି ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଆତ୍ମହତ୍ୟା ଘଟଣା ବଢ଼ିବାରେ ଲାଗିଛି। ଏହାର ପ୍ରତିକାର କରା ନ ଗଲେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି।

ଚିକିତ୍ସାରେ ଅବହେଳା, ରୋଗୀଙ୍କୁ ଠିକ୍ ସମୟରେ ଶଯ୍ୟା ନ ମିଳିବା, ଯନ୍ତ୍ରଣା ସହ୍ୟ କରି ନ ପାରି ମାନସିକ ଭାରସାମ୍ୟ ହରାଇ ଡାକ୍ତରଖାନାକୁ ଆସୁଥିବା ରୋଗୀ ଆତ୍ମହତ୍ୟା କରୁଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ୪ର୍ଥ ଓ ୫ମ ମହଲାରେ ସ୍ତ୍ରୀ ଓ ପ୍ରସୂତି, ଶିଶୁ, ସର୍ଜରି, ଭେଷଜ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଥିବା ସତ୍ତ୍ୱେ ସୁରକ୍ଷା ଦୃଷ୍ଟିରୁ ଗ୍ରୀଲ ଲଗାଯାଇ ନାହିଁ। ସିସିଟିଭି ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ରାତ୍ରି ଜଗୁଆଳି ରହୁନାହାନ୍ତି। ଏଭଳି ଅବ୍ୟବସ୍ଥାକୁ ନେଇ ରୋଗୀ, ସମ୍ପର୍କୀୟ ଏବଂ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେଉଥିବା ଦଳୀୟ ନେତୃବୃନ୍ଦ କହିଛନ୍ତି। ଜିଲାପାଳଙ୍କ ସହ ଆଲୋଚନା ବେଳେ ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ବରିଷ୍ଠ ନେତା ବିଭୂତି ଭୂଷଣ ପ୍ରଧାନ, ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ସୁନୀଲ ଶର୍ମା, ମାତୃପ୍ରସାଦ ନନ୍ଦ, ସନାତନ ବେହେରା, ମହାଦେବ ଯଶୋବନ୍ତ ମହିମା, ରମ୍ୟରଞ୍ଜନ ମହାପାତ୍ର, ସତ୍ୟରଞ୍ଜନ ଭୂୟାଁ, ବଳରାମ ସେଠୀ, ସୂର୍ଯ୍ୟପ୍ରତାପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀଙ୍କୁ ବିଦା କରିବାକୁ ନୋଟିସ

**ଢେଙ୍କାନାଳ ଅଫିସ, ୧୯।୮**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ୪ ମହଲା କୋଠାରୁ ଡେଇଁ ଗତ ଗୁରୁବାର ଜଣେ ରୋଗୀ ଆତ୍ମହତ୍ୟା କରିଥିଲେ। ଏଥିପୂର୍ବରୁ ଗତ ୧୩ ତାରିଖରେ ଆତ୍ମହତ୍ୟା ଉଦ୍ୟମ କରି ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣେ ଯୁବକ ୫ମ ମହଲା କୋଠାରୁ ଡେଇଁ ପଡ଼ିଥିଲେ। ଜିଲା ସୁରକ୍ଷା ପାଇଁ ବାରମ୍ବାର ଏଭଳି ସମ୍ବେଦନଶୀଳ ଘଟଣା ଘଟୁଥିବାବେଳେ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ। ଏହାପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦାୟିତ୍ୱରେ ଥିବା ସିକ୍ୟୁରିଟି କର୍ମଚାରୀଙ୍କୁ ବିଦା କରିବାକୁ ସମ୍ପୃକ୍ତ ସୁରକ୍ଷା ସଂସ୍ଥାକୁ ନୋଟିସ ଜାରି କରାଯାଇଛି। ଏଥିସହ ଚିକିତ୍ସାଳୟର ଫାଙ୍କା ଥିବା ସ୍ଥାନରେ ଝରକା ଓ ଗ୍ରୀଲ୍ ଲଗାଇବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ମାପଚୁପ କରାଯାଇଛି। ରୋଗୀ ଆତ୍ମହତ୍ୟା ଘଟଣାରେ ତଦନ୍ତ ଜାରି ରହିଥିବା ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ ସୂଚନା ଦେଇଛନ୍ତି।

## ରାସ୍ତାରୋକୋ ପରେ ଚେତିଲା ଠିକାସଂସ୍ଥା




ପୋଲିସ ଉପସ୍ଥିତିରେ କମ୍ପାନୀ ଅଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ପରଜଙ୍ଗ, ୧୯।୮(ଡି.ଏନ୍.ଏ.)**

- ଲିଖିତ ପ୍ରତିଶ୍ରୁତି ଦେଲେ ଠିକାସଂସ୍ଥା ଅଧିକାରୀ
- ୨୨ରୁ ଆରମ୍ଭ ହେବ ବ୍ରାହ୍ମଣୀ ବ୍ରିଜ୍ ମରାମତି

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ସରାଙ୍ଗ ଛକଠାରୁ ବ୍ରାହ୍ମଣୀ ବ୍ରିଜ୍ ପର୍ଯ୍ୟନ୍ତ ବ୍ୟସ୍ତବହୁଳ ୫୩ନଂ. ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ବାରମ୍ବାର ଦାବି ସତ୍ତ୍ୱେ ଠିକାସଂସ୍ଥା ଏହାର ମରାମତି କରୁନାହିଁ। ଏହାର ପ୍ରତିବାଦରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛି ଜଟିଆ ଯୁବ ସଙ୍ଗଠନ। ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଯୁବକ ଜଟିଆ ଛକରେ ଶାନ୍ତିପୂର୍ଣ୍ଣ ଭାବେ ରାସ୍ତା ଅବରୋଧ କରିବା ପରେ ଏନ୍‌ଏଚ୍ କାର୍ଯ୍ୟ ନେଇଥିବା କୁନାଲ କମ୍ପାନୀର ଚେତା ପଶିଛି। ଶୁକ୍ରବାରଠାରୁ ବ୍ରିଜ୍‌ରେ ଜମିଥିବା ବାଲି ସଫେଇ କରାଯିବ। ଜଟିଆ ଛକରୁ ବ୍ରିଜ୍ ଯାଏ ରାସ୍ତା ମରାମତି ଏବଂ ନବୋଦୟ ସ୍କୁଲ ପାଚେରି ପାଖରେ ମୁକୁଳା ଡ୍ରେନ୍‌କୁ ଯୁଦ୍ଧକାଳୀନ ଭିତ୍ତିରେ ପୋତାଯିବ। ସେହିପରି ୨୨ ତାରିଖରୁ ବ୍ରିଜ୍ ଉପରେ ପିଚୁ ଢଳେଇ କାର୍ଯ୍ୟ ଆରମ୍ଭ ହେବ ବୋଲି ଠିକାସଂସ୍ଥା ଲିଖିତ ପ୍ରତିଶ୍ରୁତି ଦେଇଛି। ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହେଲେ ଠିକାସଂସ୍ଥା ଉତ୍ତରଦାୟୀ ରହିବ ବୋଲି ଏଥିରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ସରାଙ୍ଗ ଛକଠାରୁ ବ୍ରାହ୍ମଣୀ ପୋଲ ପର୍ଯ୍ୟନ୍ତ ୫୩ନଂ. ଜାତୀୟ ରାଜପଥ ଖାଲଖମାରେ ଭର୍ତ୍ତି ହୋଇଛି। ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ବାଲି ଜମିଥିବାବେଳେ ଦୁର୍ଘଟଣା ଘଟୁଛି। ଗମନାଗମନରେ ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏନ୍‌ଏଚ୍‌କୁ ୪ ଲେନ୍ ବିଶିଷ୍ଟ କରାଯାଉଥିବାବେଳେ ବିଭିନ୍ନ ସ୍ଥାନରେ ସଡ଼କ ମରଣଯନ୍ତା ପାଲଟିଛି। ଉକ୍ତ ଗୁରୁତ୍ୱପୂର୍ଣ୍ଣ ରାସ୍ତା ମରାମତି କରିବା ଲାଗି ଜଟିଆ ଯୁବ ସଙ୍ଗଠନ ପକ୍ଷରୁ ୭ଦିନ ସମୟ ଦିଆଯାଇଥିଲା। ତଥାପି କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଥିଲା। ସୂଚନାପାଇ ପରଜଙ୍ଗ ଥାନା ଆଇଆଇସି ପ୍ରଶାନ୍ତ ପାତ୍ର, ଏସ୍‌ଆଇ କେ.ଏନ୍. କନ୍ଧ, ସରାଙ୍ଗ ଫାଣ୍ଡି ଅଧିକାରୀ ପ୍ରଶାନ୍ତ ସାହୁ, ଠିକା ସଂସ୍ଥା ଅଧିକାରୀ ଅଜୟ କୁମାର ରଏ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପୋଲିସ ଉପସ୍ଥିତିରେ କମ୍ପାନୀ ଅଧିକାରୀଙ୍କଠାରୁ ଲିଖିତ ପ୍ରତିଶ୍ରୁତି ପାଇବା ପରେ ରାସ୍ତା ଅବରୋଧ ହଟିଥିଲା।

# ବିପଦ ସାଜିଛି ବାରଘରିଆ ନାଳ

**ପରଜଙ୍ଗ, ୧୯।୮(ଡି.ଏନ୍.ଏ.)**




ପୁରୁଣା ବ୍ରିଜ୍ ବର୍ଷାପାଣିରେ ବୁଡ଼ିଯାଇଛି।

- ଆପ୍ରୋଚ୍ ରୋଡ୍ ଟେଣ୍ଡର ହେଉନାହିଁ
- କାର୍ଯ୍ୟକ୍ଷମ ହୋଇପାରୁନି ନୂଆ ସେତୁ
- ସାମାନ୍ୟ ବର୍ଷାରେ ବୁଡୁଛି ପୁରୁଣା ବ୍ରିଜ୍

ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳବାସୀଙ୍କ ଦୁଃଖ ପାଲଟିଛି ବାରଘରିଆ ନାଳ। ବର୍ଷାଦିନେ ନାଳ ପାଣି ଉଛୁଳି ପୁରୁଣା ସେତୁ ବୁଡ଼ିଯାଉଛି। ନୂତନ ବ୍ରିଜ୍ ନିର୍ମାଣ ଶେଷ ହୋଇଯାଇଥିବାବେଳେ ଆପ୍ରୋଚ୍ ରୋଡ୍ ପାଇଁ ଟେଣ୍ଡର ହୋଇପାରୁ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏଥିସହ ପୋଲ ସଂଲଗ୍ନ ରାସ୍ତା କାଦୁଅରେ ଭର୍ତ୍ତି ହୋଇଛି। ସଡ଼କର ଏଭଳି ଦୁରାବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ସୂଚନାଯୋଗ୍ୟ, ଭାଲୁମୁଣ୍ଡା-ଆଲୁଅଝରଣ ପୂର୍ତ୍ତ ବିଭାଗ ରାସ୍ତାକୁ ଭାଲୁମୁଣ୍ଡାଠାରୁ ଦେଢ଼ କିମି ଦୂରରେ ଅତିକ୍ରମ କରିଛି ବାରଘରିଆ ନାଳ। ଏହା ଉପରେ ନିର୍ମିତ ପୁରାତନ ଅଣଓସାରିଆ ପୋଲ ବିପଦସଙ୍କୁଳ ହୋଇପଡ଼ିଛି। ନିର୍ଦ୍ଧାରିତ ଉଚ୍ଚତାରୁ ତଳେ ନିର୍ମାଣ ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ପାଣିରେ ବୁଡ଼ିଯାଉଛି। ମରଣଯନ୍ତା ପାଲଟିଥିବା ଏହି ସେତୁରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏପରି କି ଗତଦିନରେ ଯାତ୍ରୀଙ୍କ ଗାଡ଼ି ମଧ୍ୟ ଭାସିଯାଇଥିବା ନଜିର ରହିଛି। ଯାତ୍ରୀ ଭୋଗୁଥିବା ଦୁର୍ଦ୍ଦଶାକୁ ନଜରରେ ରଖି ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ନାଳର ଉପରପାର୍ଶ୍ୱରେ ନୂତନ ପୋଲ ନିର୍ମାଣ କରାଯାଇଛି। ଏହାର କାମ ସମ୍ପୂର୍ଣ୍ଣ ମଧ୍ୟ ହୋଇସାରିଛି। ତେବେ ପୋଲ ସଂଲଗ୍ନ ଆପ୍ରୋଚ ରୋଡ୍ ଟେଣ୍ଡର ପ୍ରକ୍ରିୟା ସରୁ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଶୁକ୍ରବାର ଲଗାଣ ବର୍ଷା ଯୋଗୁ ପୁରୁଣା ପୋଲ ଉପରେ ୩ ଫୁଟର ପାଣି ପ୍ରବାହିତ ହୋଇଥିଲା। ନୂତନ ପୋଲ ରାସ୍ତା କାଦୁଅରେ ପରିପୂର୍ଣ୍ଣ ହୋଇପଡ଼ିଥିଲା। ତେବେ ବିକଳ୍ପ ନ ଥିବାରୁ ଯାତ୍ରୀମାନେ କାଦୁଅ ପଚପଚ ରାସ୍ତାରେ ଯାତାୟାତ କରିବାକୁ ବାଧ୍ୟ ହୋଇଥିଲେ।

ବ୍ରିଜ୍ ଓ ଆପ୍ରୋଚ୍ ରୋଡ୍ ପାଇଁ ପୃଥକ୍ ଟେଣ୍ଡର ହୋଇଛି। ବ୍ରିଜ୍ ନିର୍ମାଣ ଶେଷ ହୋଇଥିବାବେଳେ ଅଳ୍ପ କିଛି କାମ ବାକି ରହିଛି। ତେଣୁ ପୋଲ ସଂଲଗ୍ନ ଦୁଇପାର୍ଶ୍ୱରେ ପ୍ରସ୍ତାବିତ ଆପ୍ରୋଚ୍ ରାସ୍ତା ପାଇଁ ଟେଣ୍ଡର ହୋଇ ପାରୁନାହିଁ। ତଥାପି ବର୍ଷାଦିନେ ଯେପରି ଯାତାୟାତରେ ସମସ୍ୟା ନ ଉପୁଜେ ସେଥିଲାଗି ଉଦ୍ୟମ କରାଯିବ ବୋଲି ନିକଟରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ନିବେଶ କୁମାର ମାଝି, ଏସ୍‌ଡିଓ ପ୍ରତାପ କୁମାର ହରିପାଲ ସୂଚନାଦେଇଥିଲେ। ତେବେ ଅଦ୍ୟାବଧି ଏ ଦିଗରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଯାତ୍ରୀମାନେ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଯଥାସମ୍ଭବ ନୂତନ ବ୍ରିଜ୍ କାର୍ଯ୍ୟକ୍ଷମ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବାକୁ ସେମାନେ ଚେତାବନୀ ଦେଇଛନ୍ତି।

